ଶନିବାର, ୧୯ ଅଗଷ୍ଟ, ୨୦୨୩

# ପିଲାଙ୍କ ଧରିତ୍ରୀ



# ଜଙ୍ଗଲରେ ବିଦ୍ରୋହ



ଥରେ ଜଙ୍ଗଲର ରାଜାଙ୍କ ବିରୋଧରେ ବିଦ୍ରୋହ ସୃଷ୍ଟି ହେଲା। ସ୍ଥାନେ ସ୍ଥାନେ ଜୀବଜନ୍ତୁମାନେ ଜଙ୍ଗଲର ବାଘ ରାଜା ବିରୋଧରେ ପ୍ରତିବାଦ ଆରମ୍ଭ କରିଦେଲେ। ଜୀବଜନ୍ତୁଙ୍କ ବିଦ୍ରୋହ ସମ୍ପର୍କରେ ଗୁପ୍ତଚରମାନେ ରାଜାଙ୍କୁ ଖବର ଦେଲେ। ତେବେ କାହିଁକି ଜୀବଜନ୍ତୁମାନେ ବିଦ୍ରୋହ କରୁଛନ୍ତି, ବୁଝିବା ପାଇଁ ଗୁପ୍ତଚରଙ୍କୁ ପୁଣି ଥରେ ପଠାଇଥିଲେ ବାଘ ରାଜା। ସମସ୍ତ ତଥ୍ୟ ସଂଗ୍ରହ କରି ରାଜାଙ୍କ ପାଖକୁ ଫେରିଲେ ଗୁପ୍ତଚର। ଆଉ କହିଲେ- "ବାଘ ମହାରାଜ! ଜଙ୍ଗଲର ପ୍ରଜାମାନେ ନୂଆ ରାଜା ଚାହୁଁଛନ୍ତି। କାହିଁକି ବାଘ ସବୁଦିନ ରାଜା ରହିବେ? ନିଜ ରାଜା ନିଜେ ବାଛିବା ଦାବିରେ ଜୀବଜନ୍ତୁମାନେ ପ୍ରତିବାଦ କରୁଛନ୍ତି।" ଗୁପ୍ତଚରଙ୍କ କଥା ଶୁଣି ବାଘ ରାଜା କହିଲେ- "ଜୀବଜନ୍ତୁ ମୋର ପ୍ରଜା, ସେମାନେ ଯାହା ଚାହିଁବେ ତାହା ହେବ।"

ପରଦିନ ରାଜା ଡେଙ୍ଗୁରା ବଜାଇ ଘୋଷଣା କଲେ, ଜଙ୍ଗଲରେ ନୂଆ ରାଜା ପାଇଁ ନିର୍ବାଚନ କରାଯିବ। ଯେଉଁ ପ୍ରାଣୀମାନେ ରାଜା ହେବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି, ରାଜ ଦରବାରକୁ ଆସି ତାଙ୍କ ପ୍ରାର୍ଥିପତ୍ର ନେଇପାରିବେ। ନିର୍ବାଚନ ତାରିଖ ମଧ ଘୋଷଣା କରାଗଲା। ରାଜାଙ୍କ ଏହି ଘୋଷଣା ପରେ ଜଙ୍ଗଲରେ ବିଦ୍ରୋହ ଶାନ୍ତ ପଡ଼ିଗଲା। ରାଜା ହେବା ଦୌଡ଼ରେ ଥିଲେ ଜଙ୍ଗଲର ସବୁଠୁ ବଡ଼ ପ୍ରାଣୀ ହାତୀ, ସବୁଠୁ ଡେଙ୍ଗା ପ୍ରାଣୀ ଜିରାଫ୍, ଚତୁର ବିଲୁଆ, ସବୁଠୁ ଓଜନିଆ ଜଳହସ୍ତୀ ଏବଂ ସବୁଠୁ ଚାଲାକ କୁକୁର। ଏମାନଙ୍କର ଧାରଣା ଥିଲା, ବାଘ ନା' ବଡ଼ ଜନ୍ତୁ, ନା' ସବୁଠୁ ଚତୁର। ତେଣୁ ବିଶେଷ ଗୁଣ ଥିବା ଯୋଗ୍ୟ ପ୍ରାର୍ଥୀ ହିଁ ଏଥର ରାଜା ହୁଅନ୍ତୁ।

## ଗପ

ବାଘ ରାଜା ଘୋଷଣା ମୁତାବକ, ପ୍ରାର୍ଥିପତ୍ର ଆଣିବାକୁ ରାଜ ଦରବାରକୁ ଯିବାକୁ ହେବ। ରାଜା ହେବା ଲୋଭରେ ପ୍ରଥମେ ହାତୀ ରାଜଦରବାରକୁ ଗଲା। ହାତୀକୁ ଦେଖି ବାଘ ବହୁତ ଜୋରରେ ରଡ଼ି ଛାଡ଼ିଲେ। ହାତୀ ଡରିଗଲା। ସବୁଠୁ ବଡ଼ ଜନ୍ତୁ ହୋଇଥିଲେ ମଧ ବାଘ ସାମ୍ନାରେ ଧୈର୍ଯ୍ୟ ରଖି ରହି ପାରିଲାନି। ଟିକେ ବିଳମ୍ବ ହେଲେ ବାଘ ମାଡ଼ିବସିବ ଏହି ଆଶଙ୍କା କରି ହାତୀ ଫେରି ଆସିଲା। ହାତୀ ପରେ ଜଳହସ୍ତୀ, ଜିରାଫ୍, ବିଲୁଆ, କୁକୁର ସମସ୍ତେ ରାଜା ହେବା ଆଶାରେ ରାଜଦରବାରକୁ ଗଲେ। କିନ୍ତୁ ବାଘ ସାମ୍ନାରେ ରାଜା ହେବା ଦାବି କରିବାକୁ କିମ୍ବା ପ୍ରାର୍ଥିପତ୍ର ଆଣିବାକୁ କେହି ସାହସ କରିପାରିଲେ ନାହିଁ। ଜଣକ ପରେ ଜଣେ ଯାଇ ଫେରି ଆସିଲେ। ନିର୍ଦ୍ଧାରିତ ଦିନ ନିର୍ବାଚନରେ ଭୋଟ ଦେବା ପାଇଁ ସବୁ ଜୀବଜନ୍ତୁ ଆସିଲେ। ହେଲେ ବାଘ ବିରୋଧରେ କେହି ମଧ ପ୍ରାର୍ଥୀ ଛିଡ଼ା ହୋଇନଥିଲେ। ବାଘ ପୁଣି ନିର୍ଦ୍ୱନ୍ଦ୍ୱରେ ରାଜା ଘୋଷିତ ହେଲା।

ନିର୍ବାଚିତ ହେବା ପରେ ବାଘ ରାଜା ପ୍ରଥମ ଅଭିଭାଷଣରେ କହିଲେ, "ମୋର ପ୍ରିୟ ପ୍ରଜାଗଣ! ଆପଣମାନେ ନୂଆ ରାଜା ଚାହୁଁଥିଲେ। ହେଲେ ମୁଁ ପୁଣି ରାଜା ନିର୍ବାଚିତ ହେଲି। ଗୋଟିଏ କଥା ସମସ୍ତଙ୍କୁ କହିରଖେ, ରାଜା ହେବାକୁ କାହାରିକୁ ମନା ନାହିଁ। କିନ୍ତୁ ରାଜାର ଦମ୍ଭ, ସାହସ ଓ ଆତ୍ମବିଶ୍ୱାସ ରହିବା ଜରୁରୀ। ଯେଉଁମାନେ ରାଜା ହେବାର ଆଶା ରଖିଥିଲେ, ସେମାନେ ଡେଙ୍ଗା ହୋଇପାରନ୍ତି, ବଡ଼ ହୋଇପାରନ୍ତି ଅବା ଚତୁର ହୋଇପାରନ୍ତି, କିନ୍ତୁ ରାଜାକୁ ପରାଜିତ କରିବାର ସାହସ କିମ୍ବା ଆତ୍ମବିଶ୍ୱାସ କାହାରି ପାଖରେ ନାହିଁ। ଉପସ୍ଥିତ ଥିବା ପ୍ରାଣୀମାନେ ଏକଥା ଶୁଣି ତାଳିମାରିଲେ।"

**-ପ୍ରତ୍ୟୁଷ କୁମାର ସା**
ଗ୍ୟାରେଜ୍ ଛକ, ଭୁବନେଶ୍ୱର
ମୋ: ୯୪୩୭୩୬୬୯୮୪

## ଖିଲି ଖିଲି ହସ

ଚିଣ୍ଟୁ କହିଲା ଟିଙ୍କୁକୁ, ଆରେ ସାଙ୍ଗ କହିଲୁ ଚାଉଳରୁ କେମିତି ବରଫ ପ୍ରସ୍ତୁତ କରିବା।
ଟିଙ୍କୁ- ଜଣାନାହିଁ ମୋତେ।
ଚିଣ୍ଟୁ- ଆରେ ରାଇସ୍‌ରୁ(Rice)ଆର୍ କାଢ଼ିଦେଲେ ହୋଇଗଲା ନା ଆଇସ୍ (Ice)।

ମଣ୍ଟୁ- ଉଦାସ ହୋଇ କାହିଁ ବସିଛୁ ପିଣ୍ଟୁ?
ପିଣ୍ଟୁ- କାଲି ଜଣେ ନ୍ୟୁଜ୍ ଆଙ୍କର କହିଥିଲେ, ଆସନ୍ତୁ ଆମେ ଆପଣଙ୍କୁ ଗୋଆ ନେଇଯିବୁ। ମୁଁ ରେଡି ହୋଇ ବସିଛି ହେଲେ ତାଙ୍କର ଦେଖାନାହିଁ।

ଚିଣ୍ଟୁ: ମମି ପିଲାମାନେ ଯଦି କିଛି ଭୁଲ୍ କରନ୍ତି, ତାଙ୍କୁ କ୍ଷମା କରିଦେବା କଥା କି ନା?
ମମି (ଚିଣ୍ଟୁକୁ ଗେଲ୍‌ହେଇ କହିଲେ): ହଁ, ତାଙ୍କୁ କ୍ଷମା କରିଦେବା କଥା।
ଚିଣ୍ଟୁ: ଠିକ୍ ଅଛି, ମମି ତୁମେ ଯେଉଁ ନୂଆ ପାଣି ବଟଲଟା ଦେଇଥିଲ ମୁଁ ତାକୁ ହଜାଇ ଦେଇଛି!

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674)2580101,

## ମତାମତ

✪ ସ୍ୱାଧୀନତା ସଂଗ୍ରାମ କିଛି କଥା ବିଷୟରୁ କେତେକ ତଥ୍ୟ ବିଷୟରେ ଜାଣିବାକୁ ପାଇଲି।

**- ସଞ୍ଜୀବ ସାହୁ, ଢେଙ୍କାନାଳ**

✪ ସ୍ୱାଧୀନତା ଦିବସକୁ କିପରି ପିଲାମାନେ ପାଳନ କଲେ ସେ ସମ୍ପର୍କରେ ଜାଣିହେଲା।

**-ରୋଜାଲିନ୍ ମହାପାତ୍ର, ମଣ୍ଡାସାହି, ଜଗତ୍‌ସିଂହପୁର**


✪ ଗିନିଜ୍ ବୁକ୍ ରେକର୍ଡରେ ଜାତୀୟ ସଙ୍ଗୀତ ଗାନ କେତେବେଳେ ଏବଂ କେଉଁଠି ଗାନ କରାଯାଇଥିଲା, ଏ ବିଷୟରେ ସୂଚନା ପାଇପାରିଲି।

**- ରମାକାନ୍ତ ମୁଦୁଲି, ହମିରପୁର, ରାଉରକେଲା**

ସ୍ୱାଧୀନତା ଦିବସ ସମ୍ପର୍କିତ ଚିତ୍ରଗୁଡ଼ିକ ବହୁତ ଭଲ ହୋଇଥିଲା।

**-ସୁବାସ ରାଉତ, ମଞ୍ଚେଶ୍ୱର, ଭୁବନେଶ୍ୱର**

## ରଙ୍ଗ ଦିଅ



# ଜଳହସ୍ତୀ

**ବିଶ୍ୱରେ ପ୍ରତ୍ୟେକ ଜୀବଙ୍କଠାରେ କିଛିନା କିଛି ବିଶେଷତ୍ୱ ରହିଛି ତେବେ ଜଳହସ୍ତୀର ଏଭଳି କିଛି ବିଶେଷ ଗୁଣ ସମ୍ପର୍କରେ ଜାଣି ରଖନ୍ତୁ**

▶▶ ତୃତୀୟ ବୃହତ୍ ସ୍ତନ୍ୟପାୟୀ ପ୍ରାଣୀ ହେଉଛି ଜଳହସ୍ତୀ।

▶▶ ଆଶ୍ଚର୍ଯ୍ୟର କଥା ହେଉଛି, ଏମାନେ ଆଦୌ ପହଁରି ପାରନ୍ତି ନାହିଁ। କାରଣ ଏମାନଙ୍କର ଶରୀରର ଓଜନ ଏତେ ଅଧିକ ଯେ ସେମାନେ ପାଣିରେ ବୁଡ଼ିଯାଆନ୍ତି। ହେଲେ ଏମାନେ ପାଣିରେ ବୁଡ଼ିଯିବାପରେ ମଧ ପାଣି ଭିତରେ ବେଶ୍ କିଛି ବାଟ ଚାଲିପାରନ୍ତି।

▶▶ ପାଣିରେ ବୁଡ଼ିଯିବା ସମୟରେ ଏମାନେ ନାକ ଓ କାନକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇପାରନ୍ତି। ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ଏମାନେ ନିଶ୍ୱାସ ରୋକିପାରନ୍ତି।

▶▶ ମାତୃଗର୍ଭରେ ଏମାନେ ୮ ମାସ (୨୪୩ ଦିନ) ରହନ୍ତି।

▶▶ ଜଳହସ୍ତୀମାନେ ତୃଣଭୋଜୀ। ତେବେ ରାତି ସମୟରେ ହିଁ ଏମାନେ ଅଧିକ ସକ୍ରିୟ ଥାଆନ୍ତି।

▶▶ ଶତ୍ରୁମାନଙ୍କ ମଧ୍ୟରେ ମିତ୍ରମାନଙ୍କୁ ବେଶ୍ ସହଜରେ ଚିହ୍ନିପାରନ୍ତି ଜଳହସ୍ତୀ।

▶▶ ଏମାନଙ୍କ ଶରୀରରୁ ବେଳେବେଳେ ଗୋଲାପୀ ରଙ୍ଗର ଝାଳ ବାହାରିବା ଦେଖିବାକୁ ମିଳିଥାଏ। ଏହାର କାରଣ ହେଉଛି ପ୍ରବଳ ଖରାରେ ସୂର୍ଯ୍ୟଙ୍କ ରଞ୍ଜନ ରଶ୍ମି (ଅଲଟ୍ରା ଭାଓଲେଟ୍‌ରେ)ଠାରୁ ନିଜ ତ୍ୱଚାକୁ ରକ୍ଷା କରିବା ନିମନ୍ତେ ପ୍ରାକୃତିକଭାବେ ଏକ ପ୍ରକାରର ତୈଳାକ୍ତ ପଦାର୍ଥ ବାହାରିଥାଏ, ଯାହା ସେମାନଙ୍କୁ ସୁରକ୍ଷା ଦେଇଥାଏ। ଏହାର ରଙ୍ଗ ଗୋଲାପୀ ହୋଇଥିବାରୁ ଲୋକେ ଭାବନ୍ତି ଗୋଲାପୀ ରଙ୍ଗର ଝାଳ ବାହାରୁଛି।



▶▶ ଦିନକୁ ମାତ୍ର ୪ରୁ ୫ ଘଣ୍ଟା ପର୍ଯ୍ୟନ୍ତ ଏମାନେ ସ୍ଥଳଭାଗରେ ରହିଥା'ନ୍ତି। ଅନ୍ୟ ସମୟରେ ପାଣି ଭିତରେ ରହିବାକୁ ଭଲପାନ୍ତି।

▶▶ ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଦୌଡ଼ିପାରନ୍ତି ଜଳହସ୍ତୀ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





# ପରିଷ୍କାର ପରିଚ୍ଛନ୍ନତା

**ପରିଷ୍କାର ପରିଚ୍ଛନ୍ନତା ହେଉଛି ଏକ ଉତ୍ତମ ଲକ୍ଷଣ। ଏହା ସମସ୍ତଙ୍କ ପାଇଁ ଏକ ଆବଶ୍ୟକତା ମଧ୍ୟ। ଏହି ଗୁଣ ପାଇଁ ଦେହ ମନ ଭଲ ରହିବା ସହ ପରିବେଶ ବି ସୁନ୍ଦର ରହିଥାଏ...**

ଜୀବନରେ ପରିଷ୍କାର ପରିଚ୍ଛନ୍ନତାର ନିହାତି ଆବଶ୍ୟକତା ରହିଛି। ଏଥିପାଇଁ ଛୋଟବେଳୁ ପିଲାଙ୍କୁ ଏହି ଶିକ୍ଷା ଦିଆଯାଇଥାଏ। ସ୍କୁଲକୁ ଯିବା ସମୟରେ ସେଥିପାଇଁ ସଫାପୋଷାକ ପିନ୍ଧିବା ଓ ପରିଷ୍କାର ରହିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଏମିତିକି ପିଲାମାନେ ପରିଷ୍କାର ପରିଚ୍ଛନ୍ନ ଅଛନ୍ତି କି ନାହିଁ, ସେନେଇ ପ୍ରତି ସପ୍ତାହରେ ସ୍କୁଲରେ ଯାଞ୍ଚ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଯାହାଫଳରେ ପିଲାମାନେ ସ୍କୁଲ ଯିବା ପୂର୍ବରୁ ସଫା ପୋଷାକ ପିନ୍ଧିବା, ମୁଣ୍ଡ କୁଣ୍ଡାଇବା କିମ୍ବା ନଖ କାଟିବା ଭଳି ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେଇଥା'ନ୍ତି।

ପିଲାବେଳୁ ଅଭ୍ୟାସ ରହିଲେ ହିଁ ଜୀବନର ପ୍ରତି କ୍ଷେତ୍ରରେ ପରିଷ୍କାର ରହିବା ଗୁଣକୁ ଆପଣାଇ ହେବ। ପରିଷ୍କାର ରହିବା ଫଳରେ ଅନେକ ସୁଫଳ ମିଳିଥାଏ। କେବଳ ସ୍କୁଲରେ ନୁହେଁ, ଘର ଓ ପରିବେଶ ମଧ୍ୟ ସଫା ରଖିବାକୁ ହେବ ଏକଥାର ଗୁରୁତ୍ୱକୁ ପିଲାମାନେ ବୁଝିବା ଦରକାର।

## ସୁସ୍ଥ ଓ ନୀରୋଗ

ସୁସ୍ଥ ଓ ନୀରୋଗ ରହିବା ପାଇଁ ହେଲେ ପରିଷ୍କାର ପରିଚ୍ଛନ୍ନ ରହିବା ନିହାତି ଆବଶ୍ୟକ। କାରଣ ମଇଳା ଓ ଅପରିଷ୍କାର ହେବା ଫଳରେ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହୋଇଥାଏ। ତେଣୁ ନିଜେ ପରିଷ୍କାର ରହିବା ସହିତ ପରିବେଶକୁ ମଧ୍ୟ ସଫା ରଖିବାକୁ ହେବ। ପରିବେଶ ସଫା ରହିଲେ ମଶା, ମାଛି ସେମାନଙ୍କର ବଂଶ ବିସ୍ତାର କରିବେ ନାହିଁ। ଏହି ମଶା ମାଛି ହିଁ ଅନେକ ରୋଗର ବାହକ ହୋଇଥା'ନ୍ତି। ତେଣୁ ପରିବେଶ ସଫା ରଖିବା ପାଇଁ ପିଲାବେଳୁ ସଚେତନ ହେବା ଦରକାର।

## ଆତ୍ମବିଶ୍ୱାସ ବୃଦ୍ଧି

ସବୁବେଳେ ସଫା ପୋଷାକ ପିନ୍ଧିବା ଓ ପରିଷ୍କାର ରହିବା ଫଳରେ ମନ ଫ୍ରେଶ୍ ରହିଥାଏ। ଏହାର ପ୍ରଭାବରେ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ। ଆତ୍ମବିଶ୍ୱାସ ବୃଦ୍ଧି ପାଇଲେ ସବୁକ୍ଷେତ୍ରରେ ସଫଳତା ମିଳିଥାଏ। ସେଥିପାଇଁ ପିଲାମାନଙ୍କୁ ସବୁବେଳେ ପରିଷ୍କାର ରହିବା ପାଇଁ କୁହାଯାଏ। ଛୋଟବେଳୁ ପିଲାଙ୍କର ଏହି ଅଭ୍ୟାସ ରହିଲେ ବଡ଼ ହେବା ପରେ ବି ସବୁ ସମୟରେ ସେମାନେ ଏଥିପ୍ରତି ସତର୍କ ରହିପାରିବେ। ତେଣୁ ସବୁବେଳେ ଶୃଙ୍ଖଳିତ ଜୀବନଚର୍ଯ୍ୟା ପ୍ରତି ମନ ଅନୁକୂଳ ରହିବ।

## ସ୍ମାର୍ଟ ଲାଗିବ

ସଫାସୁତୁରା ପୋଷାକ ପିନ୍ଧି ବାହାରକୁ ଗଲେ ମନରେ ଏକ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ବାହାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ବି ହୋଇଥାଏ। ଏହି ଦୃଷ୍ଟିରୁ କେତେକାଂଶରେ ବେଶ୍ ଖୁସି ବି ଲାଗେ। ତେଣୁ ସଫା ଓ ସୁନ୍ଦରଭାବେ ପୋଷାକ ପିନ୍ଧି ଯେକୌଣସି ସ୍ଥାନକୁ ଗଲେ ନିଜକୁ ସ୍ମାର୍ଟ ଭଳି ମନେହେବ। ତେବେ ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ କେବଳ ଯେ ପୋଷାକ ସଫା ରଖିବାକୁ ହେବ ତା' ନୁହେଁ; ଜୋତା ସଫା ରଖିବା, ଠିକ୍ ସମୟରେ କେଶ ଓ ନଖ କାଟିବା, ଖାଇବା ପୂର୍ବରୁ ହାତ ଧୋଇବା ଭଳି ଅନେକ ଅଭ୍ୟାସକୁ ଆପଣାଇବାକୁ ହେବ।

## ସଫା ଡ୍ରେସ୍ ପିନ୍ଧେ



ସବୁଦିନ ସଫାସୁତୁରା ହୋଇ ସ୍କୁଲକୁ ଆସିବା ପାଇଁ ସାର୍‌ମାନେ ପରାମର୍ଶ ଦିଅନ୍ତି। ଶରୀରକୁ ସଫା ରଖିଲେ କୌଣସି ପ୍ରକାରର ଚର୍ମରୋଗ ବା କାଛୁକୁଣ୍ଡିଆ ହେବ ନାହିଁ। ତେଣୁ ମୁଁ ସବୁଦିନ ପରିଷ୍କାର ହୋଇ ଗାଧୁଆପାଧୁଆ କରି ସଫା ପୋଷାକ ପିନ୍ଧି ସ୍କୁଲ ଯାଏ। ପ୍ରତି ଦୁଇଦିନ ପରେ ମାମା ସ୍କୁଲ ଡ୍ରେସ ସଫା କରିଦିଅନ୍ତି। ବେଳେବେଳେ ଡ୍ରେସ୍‌ରେ କୌଣସି ଖାଦ୍ୟ କିମ୍ବା ଅନ୍ୟ କିଛି ଲାଗି ଯାଇଥିଲେ ସଙ୍ଗେ ସଙ୍ଗେ ସେ ସଫା କରିଦିଅନ୍ତି। ତା' ଛଡା ମାମା ମତେ ସାଙ୍ଗରେ ସାନିଟାଇଜର ଓ ହ୍ୟାଣ୍ଡୱାଶ୍ ବି ଦେଇଥା'ନ୍ତି। ଦରକାର ସମୟରେ ସେସବୁ ବ୍ୟବହାର କରେ। ସବୁବେଳେ ସଫା ରହିବା ଉପରେ ହିଁ ଧ୍ୟାନ ରହିଥାଏ।

**–ସତ୍ୟଦୀପ୍ ପାଲ୍,** କ୍ଲାସ–୫,
କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର



## ପରିବେଶ ସଫା ରଖିବା



ନିଜେ ସଫା ରହିବା ସହ ପରିବେଶକୁ ବି ସଫା ରଖିବା ଦରକାର। ଏକଥା ଆମ ସ୍କୁଲରେ ସାର୍‌ମାନେ କହିଛନ୍ତି। ପରିବେଶ ଅପରିଷ୍କାର ରହିଲେ ମଶା ସୃଷ୍ଟି ହେବେ। ଏବେ ତ ସବୁଆଡ଼େ ଡେଙ୍ଗୁ ଜ୍ୱର ହେଉଛି। ତେଣୁ ସମସ୍ତେ ପରିଷ୍କାର ରହିବା କଥା। ସରକାର ବି ସମସ୍ତଙ୍କୁ ସଚେତନ କରିବା ପାଇଁ ଠିକ୍ ଏଇ କଥା କହୁଛନ୍ତି। ଆମ ଘରେ ବି ମାମା ମତେ ଏକଥା କହିଛି। ତେଣୁ ନିଜେ ସଫା ରହିବା ସହ ମୁଁ ମୋ ଡ୍ରେସ୍ ଓ ବହିକୁ ଠିକ୍ ସ୍ଥାନରେ ସଜାଡ଼ି ରଖେ। ରାତିରେ ସବୁବେଳେ ଆମେ ମଶାରି ଭିତରେ ଶୋଇଥାଉ।

**–ତାନଭି ମିଶ୍ର,** କ୍ଲାସ–୯,
ବ୍ରିଜୱେଲ ଗ୍ଲୋବାଲ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର

## ଅଭ୍ୟାସ ହେଇଗଲାଣି



ପ୍ରତିଦିନ ବ୍ରଶ୍ କରିବାଠାରୁ ତେଲ ଲଗାଇ ଗାଧୋଇବା ଆଦି ସବୁ କାମକୁ ମୁଁ ଠିକ୍ ଭାବେ କରେ। ବାହାରୁ ଘରକୁ ଆସିବାମାତ୍ରେ ପ୍ରଥମେ ଭଲଭାବେ ଗୋଡ଼ ହାତ ଧୋଇ ଘରକୁ ଯାଏ। ସ୍କୁଲକୁ ଯିବାବେଳେ ସଫା ଡ୍ରେସ୍ ପିନ୍ଧେ। ଏସବୁ ଅଭ୍ୟାସ ମତେ ମାମା ଛୋଟବେଳରୁ ଶିଖାଇଛନ୍ତି। ତେଣୁ ଏବେ ମୋର ଅଭ୍ୟାସ ହେଇଗଲାଣି ବୋଲି ନିଜେ ନିଜେ ଏସବୁ କାମ କରିଦେଉଛି। ସ୍କୁଲରେ ଟିଫିନ୍ ଖାଇବା ପୂର୍ବରୁ ଭଲଭାବେ ହାତ ବି ଧୁଏ। ସ୍କୁଲରେ ବି ଆମକୁ ଏକଥା ଶିଖା ହୋଇଛି। ଏମିତିକି ଠିକ୍ ସମୟରେ ନଖ କାଟିବା ସହ କେଶ ବି କାଟିବାକୁ ହୁଏ। ନଚେତ୍ ଆମ କ୍ଲାସ ଟିଚର ଆମକୁ ମନେପକାଇ ଦିଅନ୍ତି। ସ୍କୁଲରେ ମୋ ସାଙ୍ଗମାନେ ବି ସମସ୍ତେ ଏସବୁ ଦୃଷ୍ଟିରୁ ବେଶ୍ ସଚେତନ।

**–ଆସ୍ଥା ଆୟୋନିକା ପଣ୍ଡା,** କ୍ଲାସ– ୭,
କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର


୧
ସାତ୍ତ୍ୱିକ ବଶିଷ୍ଠ
କ୍ଲାସ–୯, କେ.
ସି ପବ୍ଲିକ ସ୍କୁଲ,
ବ୍ରହ୍ମପୁର,
ଗଞ୍ଜାମ


୨
ସିଧାନ୍ବୀ ପାତ୍ର
କ୍ଲାସ–୧,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ,
ବାଣପୁର


୩
ବର୍ଣ୍ଣାଳି ଦଳାଇ
କ୍ଲାସ– ୫,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ,
ପୁରୀ


୪
ସାଇଶ୍ରୀ ପାତ୍ର
କ୍ଲାସ–୧, ଡିଏଭି
ପବ୍ଲିକ ସ୍କୁଲ,
ସିଡିଏ,
କଟକ



୫
ଶ୍ରଦ୍ଧା ପାତ୍ର
କ୍ଲାସ– ୫,
ନାରାୟଣ ସ୍କୁଲ,
ଭୁବନେଶ୍ୱର



୬
ଦୀଶା ସାମଲ
କ୍ଲାସ– ୪,
ଭେଙ୍କଟେଶ୍ୱର
ସ୍କୁଲ, ଯାଜପୁର
ଟାଉନ,
ଯାଜପୁର


୭
ନୀଳାକ୍ଷୀ
ମହାପାତ୍ର
କ୍ଲାସ–୭, କେ.
ସି ପବ୍ଲିକ ସ୍କୁଲ,
ବ୍ରହ୍ମପୁର



୮
ଚନ୍ଦ୍ରକାନ୍ତ ମେହେର
କ୍ଲାସ– ୬, ଶ୍ରୀ
ଅରବିନ୍ଦ ପୂର୍ଣ୍ଣାଙ୍ଗ
ଶିକ୍ଷାକେନ୍ଦ୍ର,
ମାଧପୁର,
ଅନୁଗୋଳ


୯
ରିଶିମା ହଂସିନୀ
କ୍ଲାସ–୧, ମଦର୍ସ
ପବ୍ଲିକ ସ୍କୁଲ,
ଭୁବନେଶ୍ୱର


୧




୨


୩


୪



୫


୬


୭


୮


୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ୯୦ ବର୍ଷରେ ବଡି ବିଲ୍ଡର




୯୦ ବର୍ଷ ବୟସରେ ବଡି ବିଲ୍ଡର। କଥାଟା ଶୁଣିବା ପାଇଁ ହୁଏତ ଅନେକଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ଏଭଳି ଏକ ଟାଇଟଲ୍ ହାସଲ କରିଛନ୍ତି ଆମେରିକାର ଜିମ୍ ଆରିଙ୍ଗଟନ୍। ସେଥିପାଇଁ ତ ସବୁଠୁ ବୟସ୍କ ବଡି ବିଲ୍ଡରଭାବେ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଆରିଙ୍ଗଟନ୍ ଏବେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏହି ବୟସରେ ବି ସେ ବଡି ବିଲ୍ଡିଂ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ତେବେ ଭିନ୍ନ କଥା ହେଉଛି, ଏପର୍ଯ୍ୟନ୍ତ ସେ ଏହି କ୍ଷେତ୍ରରୁ ଅବସର ନେବା କଥା ଚିନ୍ତା ବି କରି ନାହାନ୍ତି। ବରଂ ଏବେ ବି ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ସମସ୍ତଙ୍କୁ କହୁଛନ୍ତି। ତା' ଛଡ଼ା ଏହି ବଡି ବିଲ୍ଡିଂ ପାଇଁ ସେ ନିଜକୁ ଖୁସି କରିପାରୁଛନ୍ତି ବୋଲି କହିଛନ୍ତି। ଏହି ଦୃଷ୍ଟିରୁ ସେ ତାଙ୍କ ସୁସ୍ଥତାର ମୂଳମନ୍ତ୍ର ସବୁ ସୋସିଆଲ ମିଡିଆରେ ଶେୟାର କରି ଲୋକଙ୍କୁ ଜଣାଇଛନ୍ତି। ରେକର୍ଡ କରିବା ପରେ ସେ କହିଛନ୍ତି କି କୌଣସି କାମ ପାଇଁ ବୟସ କେବେ ବି ବାଧକ ହୋଇ ପାରିବନି। ତେଣୁ ପ୍ରତି ମୁହୂର୍ତ୍ତରେ ନିଜକୁ ଖୁସି ରଖିବା ସହିତ ଆଗକୁ ଯିବା ପାଇଁ ଉତ୍ସାହର ସହିତ କାମ କରିବାକୁ ହେବ ବୋଲି ସେ ଲୋକଙ୍କୁ ଜଣାଇଛନ୍ତି।



## କବିତା

### ପକ୍ଷୀଟିଏ ମୁଁ

ପକ୍ଷୀଟିଏ ମୁଁ ପକ୍ଷୀଟିଏ
କାମନା ନାହିଁ ସୁଖୀଟିଏ।
ଗଛର ଡାଳ ଘର ମୋର
ଗଛର ଫଳ ଖାଦ୍ୟ ମୋର।
କେବେ ଖାଏ ମୁଁ ପୋକଜୋକ
ପ୍ରକୃତି କୋଳେ ମାରେ ଭୋକ।
ଝରଣା ଜଳ ପିଏ ନିତି
ସେଥିରେ ଅଛି କେତେ ଶାନ୍ତି।
ଘୂରି ବୁଲେ ମୁଁ ଏଣେତେଣେ
ଦେଶ ବିଦେଶ ପ୍ରତି କ୍ଷଣେ।
ପବନ ସାଥେ ଖେଳି ଖେଳି
ଗଛ ଡାଳରେ ଝୁଲେ ଦୋଳି।
ନିରୀହ ପକ୍ଷୀଟିଏ ମୁହିଁ
ମୋର ଶିକାର କର ନାହିଁ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

### ହସେ ବରଷାରାଣୀ

ମଥାରେ ଟାଣି ମେଘ ଓଢ଼ଣି
ହସେ ବରଷା ରାଣୀ
ଆକାଶୁ ଆସି ଦିଏ ବରଷି
ପୀୟୁଷ ସମ ପାଣି।
ସଭିଙ୍କ ମନେ ଆଶା ଭରସା
ଦିଅଇ ସେ ତ ଭରି
ଚାଷୀକୁଳକୁ କରେ ସେ ଖୁସି
ମନୁ ଆଶଙ୍କା ହରି।
ନଈ ପୋଖରୀ ଉଚ୍ଛୁଳି ପଡ଼େ
ତା'ର ପରଶ ପାଇ
ବେଙ୍ଗବେଙ୍ଗୁଲୀ ନାଚନ୍ତି ଖାଲି
ମିଳନ ଗୀତ ଗାଇ।
ଆସିଲେ ସିଏ ଛାଡ଼ଇ ରଡ଼ି
ବିକଟ ଘଡ଼ଘଡ଼ି
ଯମ ପରିକା ଆସଇ ମାଡ଼ି
ନିଷ୍ଠୁର ଚଡ଼ଚଡ଼ି।
ତଥାପି ତା'କୁ ଭାରି ଆଦର
କରେ ଧରଣୀରାଣୀ
ଭଲ ଲାଗଇ ତା'ରଙ୍ଗଢଙ୍ଗ
ତା'ମଧୁଝରା ବାଣୀ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

### ମେଘ ବରଷି ଗଲା

ଦୁଲୁଦୁଲୁ ମେଘ ବରଷି ଗଲା,
ଶୀତଳ ପରଶ ପରଶି ଦେଲା।
ଗଛରୁ ପଡୁଛି ବରଷା ପାଣି
ସାରୁଗଛ ମୂଳେ ବେଙ୍ଗୁଲୀ ରାଣୀ।
ବିଜୁଳି ମାରୁଛି ଚଅକ ଚକ,
ଘଡ଼ଘଡ଼ି ଶୁଣି ଦଅକ ଦକ।
ଭୂଇଁରୁ ବାହାରେ ସାଧବବୋହୂ,
ରଙ୍ଗଟି ତା'ର ନାଲି ଟୁହୁଟୁହୁ।
ଦେଖିଣ ବେଙ୍ଗ,
ଖାଇବାକୁ ହେଲା ଚଅଙ୍ଗ ଚଙ୍ଗ।
ଦାଣ୍ଡ ଦୁଆରରେ ପାଣି ବହିଲା,
କୁନାକୁନିଙ୍କର ମନ ମୋହିଲା।
ହାତରେ କାଗଜ ଡଙ୍ଗାଟି ଧରି,
ଭସେଇଲେ ଜଳେ ଯତନ କରି।
କିଚିରି ମିଚିରି କୁହାଟ ମାରି,
ଡାହୁକ ଛୁଆଏ କଲେ ଗୁହାରି।
ମାଆ କହେ କେହି ବାହାର ନାହିଁ,
ଗଲେ ବୁଢ଼ା ଚିଲ ଯିବଟି ନେଇ,
କଥାଟି ମାନ,
ନ ମାନିଲେ ଯିବ ପ୍ରିୟ ଜୀବନ।

**– ଡକ୍ଟର ସଦାନନ୍ଦ ପରିଡ଼ା**
ମୈତ୍ରୀ ନଗର, ଅନଗୁଳ
ମୋ: ୮୪୫୬୮୨୮୦୪୯

### କାଗଜ ଡଙ୍ଗା

ବରଷା ହେଲେ ଗାଆଁ ଦାଣ୍ଡରେ ପାଣିର ସୁଅ ଛୁଟେ
କୁନା, କୁନିଙ୍କ ଓଠରେ ଦେଖ କେତେ ଯେ ହସ ଫୁଟେ।
ମନେ ପଡଇ କାଗଜ ଡଙ୍ଗା ଭସାଇବାର ବେଳ
ସଭିଏଁ ଆସି ଏକାଠି ହେଲେ ଜମି ଯିବରେ ଖେଳ।
ବରଷା ହେଲେ ପାଣି ସୁଅରେ କାଗଜ ଡଙ୍ଗା ଭାସେ
ଗାଆଁ ଦାଣ୍ଡଟି ପିଲାଙ୍କ ମେଳେ କେଡେ ସୁନ୍ଦର ଦିଶେ।
ଡଙ୍ଗାଟି କହେ ଜନମ ମୋ'ର ଅଳପ କାଳ ପାଇଁ
ତଥାପି ଦେଖ ମନରେ ମୋର ଟିକେ ଶୋଚନା ନାହିଁ।
ନିଜ ଜନମ ନୁହେଁରେ କେବେ ନିଜର ସୁଖ ପାଇଁ
ଅପର ଦୁଃଖେ ଦୁଃଖି ନ ହେଲେ ସାର୍ଥକ ତା'ର କାହିଁ?
ଗୋଳିଆ ପାଣି ପିଇବା ପାଇଁ ଲୋଡ଼ା ହୁଏ କି କେବେ
ଭେଦ, ଭାବର ଅଳିଆ ନେଇ ବଞ୍ଚିବା କିମ୍ବା ତେବେ?
ମନରୁ ତୁମେ ଆପଣା ପର ଭେଦକୁ ଯିବ ଭୂଲି
ଏଇ ବାରତା ଦେଇ ତୁମକୁ ଯାଉଛି ଏବେ ଚାଲି।

**– ଶିବ ପ୍ରସାଦ ଚାନ୍ଦ**
ପୁରୁଣିଆଁ, କେନ୍ଦୁଝର
ମୋ: ୯୪୩୮୧୬୦୫୪୫



## ଏଥରର



- ରେଡିଓର ଉଦ୍ଭାବକ କିଏ ?
- କେଉଁ ଅଞ୍ଚଳକୁ ବିଶ୍ୱର ଛାତ ବୋଲି କୁହାଯାଏ ?
- ଭାଓଲିନ୍‌ରେ କେତୋଟି ତାର ଥାଏ ?
- କଙ୍ଗାରୁ କେଉଁଠାରେ ଦେଖାଯା'ନ୍ତି ?
- ଟେଲିଫୋନର ଉଦ୍ଭାବକ କିଏ ?

## ଗତଥରର ଉତ୍ତର


- ଦିଲ୍ଲୀର ଲାଲକିଲ୍ଲା
- ୧୯୧୯ ଏପ୍ରିଲ ୧୩
- ୧୯୨୦
- ସାହାନାଇ ବାଦକ ବିସ୍ମିଲ୍ଲା ଖାଁ
- ୧୯୫୧



## କହିଲ ଦେଖି

ତିନି ଅକ୍ଷରରେ ନାମଟି ମୋର
ମୁହିଁ ଏକ ମାସ ବର୍ଷା ଋତୁର
ମୁଁ ଆସିଲେ ବର୍ଷା ଆକାଶୁ ଝରେ
ନଦୀଜଳ ଭକ୍ତ କାନ୍ଧରେ ଧରେ
ସୋମବାର ଶିବ ମନ୍ଦିର ଯାଇଁ
ଜଳଦାନ କରେ ଶ୍ରଦ୍ଧାରେ ସେହି
ଧର୍ମ ମାସ ବୋଲି ଖ୍ୟାତ ଜଗତେ
କହିପାରିବ କି ମୋ ନାମ ସତେ ?

**ଉତ୍ତର– ଶ୍ରାବଣ**



ଚାରି ଅକ୍ଷରରେ ନାମଟି ତା'ର
କାନ୍ଧରେ ନିଏ ସେ ଜଳର ଭାର
ଖାଲି ପାଦେ ନେଇ ଜଳ ଶ୍ରଦ୍ଧାରେ
ଜଳଦାନ କରେ ଶିବ ପୀଠରେ
ତା'ର ଭକ୍ତି ଭାବ ଦେଖି ମହେଶ
ବରଷି ଦିଅନ୍ତି ତାକୁ ଆଶିଷ
ସେ ଭକ୍ତର ନାମ ଯେ କହି ଦେବ
ଶିବଙ୍କ କରୁଣା ତାକୁ ମିଳିବ।

**ଉତ୍ତର– କାଉଡ଼ିଆ**



ଦୁଇ ଅକ୍ଷରରେ ନାମ ତାଙ୍କର
ସୋମବାରେ ତାଙ୍କ ପୂଜାର ବାର।
ନାଗ ଶୋଭାପାଏ ତାଙ୍କ ଗଳାରେ
ଗଙ୍ଗା ଜଳ ତାଙ୍କ ମସ୍ତକୁ ଝରେ।
ତ୍ରିଶୂଳ ଡମ୍ବରୁ ସେ ଧରିଥା'ନ୍ତି
ବିପଦରେ ଭକ୍ତ ତାଙ୍କୁ ସ୍ମରନ୍ତି।
ବେଲପତ୍ର ତାଙ୍କୁ ଯିଏ ଚଢ଼ାଏ
ପ୍ରଭୁଙ୍କ କୃପା ତାକୁ ମିଳିଥାଏ।
ଏବେ ଯେ କହିବ ତାଙ୍କରି ନାମ
ମିଳିବ ତାହାକୁ ଅଶେଷ ପୁଣ୍ୟ।

**ଉତ୍ତର– ଶିବ**




**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬



## ମରୁଭୂମିରୁ ଶୁଭେ ସଙ୍ଗୀତ ସ୍ୱର

ମରୁଭୂମିରେ ବିସ୍ତୀର୍ଣ୍ଣ ଅଞ୍ଚଳ ବାଲି ଘେରା ହୋଇଥିବାରୁ ଜନବସତି କମ୍ ଦେଖିବାକୁ ମିଳେ। ହେଲେ ଏଭଳି ଏକ ମରୁଭୂମି ଅଛି, ଯେଉଁଠି ଆପଣ ସଙ୍ଗୀତର ସ୍ୱର ଶୁଣିପାରିବେ। ଏହି ବିଚିତ୍ର ମରୁଭୂମିଟି ଆଫ୍ରିକା ଏବଂ ମରକ୍କୋ ଭିତରେ ରହିଛି। ଏଠାରେ ବହୁ ବର୍ଷରୁ ସଙ୍ଗୀତ ସ୍ୱର ଶୁଭିବାର ଇତିହାସରୁ ଜଣାପଡେ। କେତେବେଳେ ଗୀଟାର ତ କେତେବେଳେ ଭାୟୋଲିନ୍ ଏବଂ ଅନ୍ୟ ବାଦ୍ୟଯନ୍ତ୍ରର ସ୍ୱର ଶୁଣିବାକୁ ମିଳିଥାଏ। ହେଲେ ଏଭଳି ସ୍ୱର କୁଆଡୁ ଆସେ ତାହା ଏବେ ମଧ୍ୟ ରହସ୍ୟ ଘେରରେ ରହିଛି। ତେବେ କେତେକ ବୈଜ୍ଞାନିକ ମତ ଦିଅନ୍ତି ଯେ, ଏହି ମରୁଭୂମିରେ ବାଲିଝଡ ସମୟରେ ବାଲି ଏବଂ ପବନର ସମ୍ମିଶ୍ରଣ ଯୋଗୁଁ ଏଭଳି ସ୍ୱର ଶୁଣିବାକୁ ମିଳେ।


# ବିଶ୍ୱର ସବୁଠୁ ବଡ଼ ଗୁମ୍ଫା




ବିଶ୍ୱରେ ଅନେକ ରହସ୍ୟମୟ ଗୁମ୍ଫା ରହିଛି। କିନ୍ତୁ ଭିଏତ୍‌ନାମ୍‌ରେ ଏପରି ଏକ ଗୁମ୍ଫା ରହିଛି, ଯାହାକୁ ବିଶ୍ୱର ପ୍ରମୁଖ ଚାରୋଟି ଗୁମ୍ଫା ମଧ୍ୟରେ ଗଣନା କରାଯାଇଥାଏ। ଏହାର ନାମ 'ସନ୍ ଡୁଙ୍ଗ ଗୁମ୍ଫା'। ଏହି ଗୁମ୍ଫାର ଆକାର ଦେଖି ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ। ଗୁମ୍ଫାଟିରେ ଘନ ଜଙ୍ଗଲ ସହିତ ନଦୀ ମଧ୍ୟ ଦେଖାଯାଇଥାଏ। ହେଲେ ଏହା ଭିତରକୁ ଯିବା ରାସ୍ତାଟି ବିପଦସଙ୍କୁଳ। ସେଥିପାଇଁ ପ୍ରତିବର୍ଷ ଉକ୍ତ ଗୁମ୍ଫା ମଧ୍ୟକୁ ପ୍ରବେଶ କରିବା ଲାଗି ମାତ୍ର ୧୦୦୦ ପର୍ଯ୍ୟଟକଙ୍କୁ ଅନୁମତି ମିଳିଥାଏ। କେବଳ ଏତିକି ନୁହେଁ, ଏଠାକୁ ଯିବା ଲାଗି ପର୍ଯ୍ୟଟକମାନଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଏହି ଗୁମ୍ଫାର ଆଉ ଏକ ବିଶେଷତ୍ୱ ରହିଛି। ଏହାର ଭିତର ଭାଗର ପରିସର ଏତେ ବିଶାଳ ଯେ, ସେଠାରେ ଏକ ୪୦ ମହଲା ଆପାର୍ଟମେଣ୍ଟ ମଧ୍ୟ ନିର୍ମାଣ କରାଯାଇପାରିବ। ଏଥିସହିତ ଏହି ଗୁମ୍ଫା ମଧ୍ୟରେ ବଡ଼ ବଡ଼ ଗର୍ତ୍ତ ରହିଛି। ଗୁମ୍ଫାଟିର ଉଚ୍ଚତା ୨୦୦ ମିଟର ଏବଂ ଲମ୍ବ ପ୍ରାୟ ୫ କିମି। ଏହି ଗୁମ୍ଫାର ସନ୍ଧାନ ୧୯୯୧ରେ ଲକଡହାରେ ନାମକ ଜଣେ ସ୍ଥାନୀୟ ବାସିନ୍ଦା କରିଥିଲେ। ଏହାପରେ ୨୦୦୯ରେ ବୈଜ୍ଞାନିକମାନେ ଏହାକୁ ସବୁଠାରୁ ବଡ ଗୁମ୍ଫାର ମାନ୍ୟତା ଦେଇଥିଲେ। ୨୦୧୩ରେ ପ୍ରଥମେ ଏହି ଗୁମ୍ଫାଟିକୁ ଦେଖିବାକୁ ପର୍ଯ୍ୟଟକମାନଙ୍କୁ ଅନୁମତି ଦିଆଯାଇଥିଲା।

## ମୁକ୍ତେଶ୍ୱର ମନ୍ଦିର

ମନ୍ଦିର କେବଳ ପୂଜା ପାଇଁ ଉଦ୍ଦିଷ୍ଟ ତା' ନୁହେଁ, ଏହାର ପରିସର ବେଶ୍ ଶାନ୍ତିପୂର୍ଣ୍ଣ। ମନ୍ଦିର ବେଢ଼ାରେ କିଛି ସମୟ ବସିଲେ ମାନସିକ ଶାନ୍ତି ମିଳିଥାଏ। ଉତ୍ତରାଖଣ୍ଡ ରାଜ୍ୟର ନୈନିତାଲ ଜିଲ୍ଲାରେ ରହିଛି ମୁକ୍ତେଶ୍ୱର ମନ୍ଦିର। ଏହି ମନ୍ଦିରଟି ୨୧୭୧ ମିଟର ଉଚ୍ଚତାରେ ଅବସ୍ଥିତ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା। ଉକ୍ତ ପ୍ରାଚୀନ ପର୍ଯ୍ୟଟନସ୍ଥଳୀଟି ଦିଲ୍ଲୀଠାରୁ ମାତ୍ର ୩୪୩ କିମି ଦୂରରେ ଅବସ୍ଥିତ। ଏଠାକାର ପରିବେଶ ବହୁତ ଭଲ। ଏହା ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳ, ଯାହାକୁ କିମାଉ ଘାଟି ଘେରି ହୋଇ ରହିଛି। ଏହି ମନ୍ଦିରଟି ପାଖାପାଖି ୩୫୦ ବର୍ଷ ପୁରୁଣା । ଏଠାକୁ ଗଲେ ଜଣେ ପର୍ଯ୍ୟଟକ କେବଳ ଯେ ମନ୍ଦିରଟି ଦର୍ଶନ କରିପାରିବ ତା'ନୁହେଁ, ଏଠାରେ ଆପଣ ରକ୍ କ୍ଲାଇମ୍ବିଙ୍ଗ ଓ ର୍ୟାପେଲିଙ୍ଗର ମଜା ନେଇପାରିବେ। ଏହି ମନ୍ଦିର ପାଖରେ ପହଞ୍ଚି ଗଲେ ତାହା ଆପଣଙ୍କ ମନରେ ହିମାଳୟ ଶିଖର ଭ୍ରମ ସୃଷ୍ଟି କରିବ। ଯଦି ଆପଣ ଶାନ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଆନନ୍ଦ ନେବାକୁ ଚାହାନ୍ତି, ତେବେ ଏଠାରେ ଥିବା ଭାଲୁ ଗାଡ଼ ଜଳପ୍ରପାତ ମଧ୍ୟ ଦେଖିପାରିବେ।






## କ୍ଷୁଦ୍ର ଦାମୀବୃକ୍ଷ

ଆପଣ ବିଶ୍ୱର ସବୁଠୁ ଦାମୀ ତଥା କ୍ଷୁଦ୍ରଗଛ ବିଷୟରେ ଜାଣିଛନ୍ତି କି ? ଏହି ବୃକ୍ଷଟି ଏତେ ଛୋଟ ଯେ, ତାକୁ ଆପଣ ନିଜ ଘର ଭିତରେ ଲଗାଇ ରଖିପାରିବେ। ବୃକ୍ଷଟି ସିନା କ୍ଷୁଦ୍ର, ହେଲେ ଏହାର ଦାମ୍ ବିଷୟରେ ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଏହା ଏକ ଜାପାନୀ ହ୍ୱାଇଟ୍ ପାଇନ୍ ବୃକ୍ଷ। ଏଭଳି କ୍ଷୁଦ୍ର ଗଛ କୋଟି କୋଟି ଟଙ୍କାରେ ବିକ୍ରି ହୋଇଥାଏ। ଏପରି କି ଏକଦା ଏହି ବୋନସାଇ ବୃକ୍ଷ ୧୦ କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଛି। ସବୁଠାରୁ ଖାସ୍ କଥା ହେଲା, ଏହି ବୃକ୍ଷଟି ଯେତେ ପୁରୁଣା ହୁଏ, ତାହାର ଦାମ୍ ସେତେ ବଢ଼ି ଯାଇଥାଏ। ଏଭଳି ଗଛକୁ ଏକ ଛୋଟ ପାତ୍ରରେ ଲଗାଯାଇଥାଏ। ଏହାର ଉଚ୍ଚତା ମାତ୍ର ଦୁଇ ଫୁଟ। ବିଶେଷଭାବରେ ଘର ସଜାଇବା ପାଇଁ ବ୍ୟବହାର କରାଯାଉଥିବା ଉକ୍ତ ବୃକ୍ଷର କୌଣସି ଫଳ କିମ୍ବା ଫୁଲ ହୋଇ ନ ଥାଏ। ଅସଲ କଥା ହେଲା, ଏହାର ଡିଜାଇନ୍‌କୁ ଲକ୍ଷ୍ୟ କରି ଦାମ୍ ଧାର୍ଯ୍ୟ କରାଯାଇଥାଏ।

# ଆ ଇ ନା



ଶାୟୁରୀ ପାତ୍ର
୯ ବର୍ଷ, ବାଲୁଗାଁ, ଖୋର୍ଦ୍ଧା



ତତ୍ତ୍ୱପ୍ରକାଶ କର
୩ ବର୍ଷ, ଦେଓଗଡ଼